# NATIONAL NEWS BULLETIN (ODIA)
## 29 April - 2025
## Evening Bulletin : 7.15 P.M.

**********************************

## ମୁଖ୍ୟ ସମ୍ବାଦ

- ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କ ଅଧକ୍ଷତାରେ ନୂଆଦିଲ୍ଲୀଠାରେ ଚାଲିଛି ଉଚ୍ଚସ୍ତରୀୟ ବୈଠକ
- ଦେଶରେ ସବୁଜ ଉଦ୍ୟାନ ପ୍ରମାଣୀକରଣ ଯୋଜନାର ହେଲା ଶୁଭାରମ୍ଭ
- ଆସନ୍ତାକାଲିଠୁ ଆରମ୍ଭ ହେଉଛି ଚାରିଧାମ ଯାତ୍ରା

– ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଗୁଡ଼ିକର ଆକାଶବାଣୀ ପକ୍ଷରୁ ହେବ ସିଧାପ୍ରସାରଣ

- କାନାଡ଼ା ନିର୍ବାଚନରେ ବହୁମତ ଆଡ଼କୁ ଅଗ୍ରସର ହେଉଛି ଲିବେରାଲ ପାର୍ଟି

ଏବଂ

- ଆଇପିଏଲ୍ କ୍ରିକେଟର ଆଜିର ମ୍ୟାଚ୍‌ରେ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଲା ଦିଲ୍ଲୀ କ୍ୟାପିଟାଲ୍ସ

# ପିଏମ୍ - ମିଟିଂ

ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହେଉଛି। ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଚାଲିଥିବା ଏହି ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଅନୀଲ ଚୌହ୍ୱାନ ଏବଂ ତିନିସେନା ବାହିନୀର ମୁଖ୍ୟ ଏହି ବୈଠକରେ ଉପସ୍ଥିତ ଅଛନ୍ତି।

# ଯୋଶୀ–ୱାର୍କସପ୍

କେନ୍ଦ୍ର ନୂତନ ଏବଂ ଅକ୍ଷୟ ଶକ୍ତି ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ କହିଛନ୍ତି, ସବୁଜ ଉଦ୍‌ଯାନ ହେଉଛି ଭବିଷ୍ୟତର ଇନ୍ଧନ ଏବଂ ଏହାର ଉତ୍ପାଦନରେ ପ୍ରଯୁକ୍ତିବିଦ୍ୟାର ବିକାଶ ପାଇଁ ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ସହଯୋଗ କରିବାକୁ ସେ ଅନୁରୋଧ କରିଛନ୍ତି। ଆଜି ନୂଆଦିଲ୍ଲୀରେ ଏମ୍.ଏସ୍.ଏମ୍.ଇ. ପାଇଁ ଜାତୀୟ ସବୁଜ ହାଇଡ୍ରୋଜେନ୍ ମିଶନ ସୁଯୋଗ ଉପରେ ପର୍ଯ୍ୟବେସିତ ଏକ କର୍ମଶାଳାକୁ ଉଦ୍‌ଘାଟନ କରି ଶ୍ରୀ ଯୋଶୀ କହିଛନ୍ତି, ଏମ୍.ଏସ୍.ଏମ୍.ଇ.ଗୁଡ଼ିକରେ ଉତ୍ପାଦନ, ଇଞ୍ଜିନିୟରିଂ ପାଇଁ

ଗୁରୁତ୍ୱପୂର୍ଣ୍ଣ ସହାୟତା ପ୍ରଦାନ କରିବା ସହିତ ନୂତନ ବୈଷୟିକ ଚିନ୍ତାଧାରା ଏହାକୁ ସଶକ୍ତ କରିପାରିବ। କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଭାରତର ସବୁଜ ହାଇଡ୍ରୋଜେନ୍ ପ୍ରମାଣୀକରଣ ଯୋଜନାର ମଧ୍ୟ ଶୁଭାରମ୍ଭ କରିଥିଲେ। ଏହି ପ୍ରମାଣୀକରଣ ଯୋଜନା ଦେଶରେ ସବୁଜ ଉଦ୍‌ଯାନ ଉତ୍ପାଦନକୁ ସୁନିଶ୍ଚିତ କରିବ ବୋଲି ଶ୍ରୀ ଯୋଶୀ କହିଥିଲେ। ସେ କହିଥିଲେ, ଭାରତ' ଜାପାନ ସହିତ ୪ ଲକ୍ଷ ୧୨ ହଜାର ଟନ୍ ସବୁଜ ହାଇଡ୍ରୋଜେନ୍ ଡେରିଭେଟିଭ୍ ପାଇଁ ଏକ ରାଜିନାମା ସ୍ୱାକ୍ଷର କରିଛି। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ତାଙ୍କ ମନ୍ତ୍ରଣାଳୟ ୨୦୩୦ ମସିହା ସୁଦ୍ଧା ଏହାକୁ ୫ ନିୟୁତ ଟନ୍‌କୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଯୋଶୀ ସୂଚନା ଦେଇଛନ୍ତି।

## ପଦ୍ମ ଆୱାର୍ଡ଼ି- ଭିଜିଟ୍

ପଦ୍ମ ପୁରସ୍କାର ପାଇଥିବା ବିଶିଷ୍ଟ ବ୍ୟକ୍ତିମାନେ ଆଜି ନୂଆଦିଲ୍ଲୀର ଜାତୀୟ ଯୁଦ୍ଧ ସ୍ମାରକୀରେ ପହଁଞ୍ଚି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏହି ପୁରସ୍କାର ପାଇଥିବା ବ୍ୟକ୍ତିମାନେ ପ୍ରଧାନମନ୍ତ୍ରୀଙ୍କ ସଂଗ୍ରହାଳୟ ସହିତ ରାଜଧାନୀ ଦିଲ୍ଲୀରେ ଥିବା ରାଷ୍ଟ୍ରପତି ଭବନ ପରିଦର୍ଶନ କରିଛନ୍ତି। ସୂଚନାଯୋଗ୍ୟ, ଗତକାଲି ରାଷ୍ଟ୍ରପତି  ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନରେ ୨୦୨୫ ମସିହା ପାଇଁ ଚାରିଜଣଙ୍କୁ ପଦ୍ମ ବିଭୂଷଣ, ୧୦ ଜଣଙ୍କୁ ପଦ୍ମଭୂଷଣ ଏବଂ ୫୭ ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରିଥିଲେ।

# ଚାର୍ ଧାମ୍ ଯାତ୍ରା

ଚଳିତ ବର୍ଷର ଚାରିଧାମ ଯାତ୍ରା ଆସନ୍ତାକାଲି ଠାରୁ ଆରମ୍ଭ ହେଉଛି । ଉତ୍ତର କାଶୀ ଜିଲ୍ଲାରେ ଅବସ୍ଥିତ ଗଙ୍ଗୋତ୍ରୀ ଓ ଯମୁନେତ୍ରୀ ମନ୍ଦିର କବାଟ ଖୋଲିବା ସହିତ ଏହି ଯାତ୍ରା ଆରମ୍ଭ ହେବ। ରୁଦ୍ର ପ୍ରୟାଗ ଜିଲ୍ଲାର କେଦାରନାଥ ମନ୍ଦିର ଦ୍ୱାରା ମେ’ ୨ ତାରିଖରେ ଏବଂ ଚାମୋଲ୍ଲୀ ଜିଲ୍ଲାର ବଦ୍ରିନାଥ ଧାମର କବାଟ ମେ’ ୪ ତାରିଖରେ ଖୋଲିବ। ଏହି ଯାତ୍ରା ସମ୍ପର୍କରେ ଏକ ରିପୋର୍ଟ...

**-V/O-ANUPAM-MISHR**

ଚାରିଧାମ ଯାତ୍ରା ଉଦ୍‌ଘାଟନକୁ ଆକାଶବାଣୀ ପକ୍ଷରୁ ସିଧା ପ୍ରସାରଣ କରାଯିବ। ଗଙ୍ଗୋତ୍ରୀ ଧାମ ଖୋଲିବାର ସିଧାପ୍ରସାରଣ ଆସନ୍ତାକାଲି ପୂର୍ବାହ୍ନ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ପ୍ରସାରିତ ହେବାକୁ ଥିବା ବେଳେ ଯମୁନେତ୍ରୀ ଧାମର ସିଧାପ୍ରସାରଣ ପୂର୍ବାହ୍ନ ସାଢ଼େ ୧୧ଟାରୁ ସାଢ଼େ ୧୨ଟା ପର୍ଯ୍ୟନ୍ତ ପ୍ରସାରଣ କରାଯିବ। ସେହିଭଳି କେଦାରନାଥ ଧାମ ଖୋଲିବାର ସିଧାପ୍ରସାରଣ ମେ’ ଦୁଇ ତାରିଖ ସକାଳ ୬ଟାରେ ଏବଂ ବଦ୍ରିନାଥ ଧାମ ଖୋଲିବାର ସିଧାପ୍ରସାରଣ ଆସନ୍ତା ୪ ତାରିଖ ସକାଳ  ସକାଳ ସାଢ଼େ ୬ଟାରୁ ସାଢ଼େ ୭ଟା ପର୍ଯ୍ୟନ୍ତ ଚାଲିବ। ଆକାଶବାଣୀର ଇନ୍ଦ୍ରପ୍ରସ୍ଥ, ଏଫ୍‌ଏମ୍ ଗୋଲ୍ଡ ଏବଂ ଆରାଧନା ଚ୍ୟାନେଲ ସହିତ ନ୍ୟୁଜ୍ ଅନ୍ ଏ.ଆଇ.ଆର୍ ଆପ୍‌ରେ ଏହା ଉପଲବ୍ଧ ହେବ। ଆସନ୍ତାକାଲିଠାରୁ ମେ’

ମାସ ୪ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ସନ୍ଧ୍ୟା ସାଢ଼େ ୭ଟାରୁ ୭ଟା ୪୫ ପର୍ଯ୍ୟନ୍ତ ଏହି ଯାତ୍ରା ସମ୍ବନ୍ଧୀୟ ରିପୋର୍ଟ ପ୍ରସାରଣ କରାଯିବ।

# ଇଣ୍ଡିଆ-ୟୁଏସ୍ ଟ୍ରେଡ୍

ଭାରତ ଏବଂ ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ନେଇ ଭାରତର ବାଣିଜ୍ୟ ବିଭାଗର ପ୍ରତିନିଧି ଏବଂ ଆମେରିକା ପ୍ରତିପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇଛି। ୱାଶିଂଟନ ଡିସି'ଠାରେ ଗତ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ଏହି ବୈଠକ ହୋଇଥିଲା। ଏହା ପୂର୍ବରୁ ଗତ ମାସରେ ନୂଆଦିଲ୍ଲୀଠାରେ ମଧ୍ୟ ଏନେଇ ଦ୍ୱିପାକ୍ଷିକ ଆଲୋଚନା ଅନୁଷ୍ଠିତ ହୋଇଥିଲା। ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏହି ଆଲୋଚନା ବୈଠକରେ ଉଭୟ ଶୁଳ୍କ ଏବଂ ଅଣଶୁଳ୍କ ପ୍ରସଙ୍ଗରେ ଉଭୟ ପକ୍ଷ ମଧ୍ୟରେ ଫଳପ୍ରଦ ଆଲୋଚନା ହୋଇଛି। ଚଳିତ ବର୍ଷ ଶେଷ ସୁଦ୍ଧା ପାରସ୍ପରିକ ଲାଭଦାୟକ, ବହୁ କ୍ଷେତ୍ରୀୟ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିର ପ୍ରଥମ ପର୍ଯ୍ୟାୟ ଶେଷ କରିବା ଲକ୍ଷ୍ୟ ନେଇ ଦୁଇ ଦେଶର ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା ଅନୁଷ୍ଠିତ ହେଉଛି।

# ପିଏମ୍- କାନାଡ଼ା ପିଏମ୍

କାନାଡ଼ା ହାଉସ ଅଫ୍ କମନ୍ସ ପାଇଁ ଲିବେରାଲ ପାର୍ଟି ନିର୍ବାଚନରେ ସ୍ପଷ୍ଟ ବହୁମତ ଆଡ଼କୁ ଅଗ୍ରସର ହେଉଛି। ମାର୍କ କାର୍ନେ ପୁନଃ ପ୍ରଧାନମନ୍ତ୍ରୀ

ଭାବେ ଦାୟିତ୍ୱ ନିର୍ବାହ କରିବାର ଆଶା କରାଯାଉଛି। ନୂତନ ଭାବେ ରାଜନୀତିକୁ ଆସିଥିବା  ପୂର୍ବତନ ବ୍ୟାଙ୍କର ମାର୍କ କାର୍ନେଙ୍କ ନେତୃତ୍ୱରେ ଲିବେରାଲ ପାର୍ଟି ବିଜୟ ଆଡ଼କୁ ଅଗ୍ରସର ହେଉଛି। ତେବେ କଞ୍ଜରଭେଟିଭ୍ ଦଳ ସହିତ ନିର୍ବାଚନରେ ଲିବେରାଲ ପାର୍ଟି କଡ଼ା ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହୋଇଛି। ଲିବେରାଲ ପାର୍ଟି ଏ ପର୍ଯ୍ୟନ୍ତ ୧୬୮ଟି ଆସନରେ ବିଜୟ ସୂଚକ ଆଗୁଆ ରହିଛି। ଭୋଟ୍ ଗଣତି ଏବେ ମଧ୍ୟ ଜାରି ରହିଛି। ତେବେ ସ୍ୱଷ୍ଟ ବହୁମତ ପାଇଁ ୧୭୨ଟି ଆସନର ଆବଶ୍ୟକତା ରହିଛି। ଲିବେରାଲ ପାର୍ଟିର ସଂଖ୍ୟା  ୧୭୨ଟି ଆସନରୁ କମ୍ ରହିଲେ ଅନ୍ୟ ରାଜନୈତିକ ଦଳର ସହଯୋଗର ଆବଶ୍ୟକତା ପଡ଼ିବ। ଶ୍ରୀ କାର୍ନେ ତାଙ୍କର ଅଭିଭାଷଣରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ’ କାନାଡ଼ାବାସୀଙ୍କ ମଧ୍ୟରେ ବିଭାଜନ କରିବାକୁ ଚେଷ୍ଟା କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି। ତେବେ ଏହା କେବେ ସମ୍ଭବ ହେବ ନାହିଁ ବୋଲି ଶ୍ରୀ କାର୍ନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

କାନାଡ଼ାର ନୂତନ ପ୍ରଧାନମନ୍ତ୍ରୀ ଭାବେ  ମାର୍କ କାର୍ନେ ଦାୟିତ୍ୱ ନେବାକୁ ଯାଉଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ’ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଭାରତ ଏବଂ କାନାଡ଼ା ସମାନ ଗଣତାନ୍ତ୍ରିକ ମୂଲ୍ୟବୋଧ, ଆଇନର ଶାସନ ଏବଂ ଜନତାଙ୍କ ପ୍ରତି ଦୃଢ଼ ଭାବେ ପ୍ରତିଶ୍ରୁତିବଦ୍ଧ। ଦୁଇ ଦେଶର ଜନସାଧାରଣଙ୍କ

ପାଇଁ ସହଭାଗିତାକୁ ସୁଦୃଢ଼ କରିବା ସହିତ ଅଧିକ ସୁଯୋଗ ପ୍ରଦାନ ପାଇଁ ଶ୍ରୀ ମୋଦୀ’ କାର୍ନେଙ୍କ ସହିତ କାର୍ଯ୍ୟ କରିବାକୁ ଆଗ୍ରହୀ ବୋଲି କହିଛନ୍ତି ।

## ତ୍ରିନିଦାଦ୍-ଟବାଗୋ

ତ୍ରିନିଦାଦ୍ ଓ ଟବାଗୋ’ର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଭାବେ କମଳା ପରସାଦ ବିଶେଷର ନିର୍ବାଚିତ ହୋଇଛନ୍ତି । ତାଙ୍କ ଦଳ ୟୁନାଇଟେଡ୍ ନ୍ୟାସନାଲ କଂଗ୍ରେସ ଏହି ଦୁଇ ଦ୍ୱୀପ କାରବିଆନ ରାଷ୍ଟ୍ରର ସଂସଦୀୟ ନିର୍ବାଚନରେ ବିଜୟୀ ହୋଇଛି । ୨୦୧୦ରୁ ୨୦୧୫ ପର୍ଯ୍ୟନ୍ତ ପୂର୍ବରୁ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିବା ୭୩ ବର୍ଷୀୟ ଶ୍ରୀମତୀ ବିଶେଷର ଏହି ବିଜୟ ଉଲ୍ଲେଖନୀୟ ପ୍ରତ୍ୟାବର୍ତ୍ତନ କରିଛନ୍ତି । ତ୍ରିନିଦାଦ ଓ ଟବାଗୋର ନେତୃତ୍ୱ ନେବାରେ ସିଏ ହେଉଛନ୍ତି ଏକମାତ୍ର ମହିଳା । ବିଜୟ ପରେ ଅଭିଭାଷଣ ପ୍ରଦାନ କରି ସେ କହିଛନ୍ତି, ନିର୍ବାଚନ ପ୍ରତିଶ୍ରୁତିକୁ ତାଙ୍କ ସରକାର ନିଶ୍ଚୟ ପାଳନ କରିବ । ଏହି ବିଜୟ ପାଇଁ ସେ ଜନସାଧାରଣଙ୍କୁ ଶ୍ରେୟ ପ୍ରଦାନ କରିବା ସହ କହିଛନ୍ତି, ବରିଷ୍ଠ ନାଗରିକଙ୍କର ପେନସନ୍ ବଜାୟ ରହିବ ଏବଂ ସରକାରୀ କର୍ମଚାରୀଙ୍କ ଦରମା ବୃଦ୍ଧି ପାଇଁ ପଦକ୍ଷେପ ନିଆଯିବ । ଶିଶୁ ଡାକ୍ତରଖାନା ଖୋଲିବା ସହ ୫୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି ।

ଏହି ବିଜୟ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ’ କମଳା ପରସାଦ ବିଶେଷରଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ

ପ୍ରଧାନମନ୍ତ୍ରୀ କହିଛନ୍ତି, ତ୍ରିନିଦାଦ ଓ ଟବାଗୋ ସହ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ଭାରତ ଆଗ୍ରହୀ।

## ରିଜିଜୁ-ହଜ୍

କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ ପବିତ୍ର ହଜ୍ ଯାତ୍ରା କରୁଥିବା ୧ ଲକ୍ଷ ୨୨ ହଜାର ୫୧୮ ଜଣ ତୀର୍ଥଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଲକ୍ଷ୍ନୌରୁ ୨୮୮ ଜଣ ତୀର୍ଥଯାତ୍ରୀ ଏବଂ ହାଇଦ୍ରାବାଦରୁ ୨୬୨ ଜଣ ତୀର୍ଥଯାତ୍ରୀଙ୍କୁ ନେଇ ପ୍ରଥମ ବିମାନ ଉଡ଼ାଣ ଆରମ୍ଭ କରିଥିଲା। ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ରିଜିଜୁ କହିଛନ୍ତି, ସୁଗମ ଏବଂ ନିରବଚ୍ଛିନ୍ନ ହଜ୍ ତୀର୍ଥଯାତ୍ରା ସୁନିଶ୍ଚିତ କରିବା ପାଇଁ ତାଙ୍କ ସରକାର ପ୍ରତିଶ୍ରୁତିବଦ୍ଧ। ତେବେ ଏକ ନିରାପଦ, ଆଶୀର୍ବାଦପୂର୍ଣ୍ଣ ଏବଂ ଆଧ୍ୟାତ୍ମିକ ଦୃଷ୍ଟିରୁ ସମୃଦ୍ଧ ଯାତ୍ରା ପାଇଁ ମଧ୍ୟ ସେ ପ୍ରାର୍ଥନା କରିଛନ୍ତି।

## ଜେକେ-ସିଏମ୍

ଜାମ୍ମୁ-କାଶ୍ମୀରରେ ଆଗାମୀ ଗ୍ରୀଷ୍ମ ଋତୁ ସମୟରେ ଅତ୍ୟାବଶ୍ୟକୀୟ ସେବା ଏବଂ ଆବଶ୍ୟକସ୍ଥଳେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ଲକ୍ଷ୍ୟ ନେଇ ଆଜି ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆନ୍ତଃ ବିଭାଗୀୟ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରାଯାଇଛି। ଗ୍ରୀଷ୍ମ ଋତୁକୁ ଦୃଷ୍ଟିରେ ରଖି ବିଭିନ୍ନ ବିଭାଗର ପ୍ରସ୍ତୁତି ନେଇ ମୁଖ୍ୟମନ୍ତ୍ରୀ ସମୀକ୍ଷା କରିଛନ୍ତି।

ଅତ୍ୟାବଶ୍ୟକୀୟ ସାମଗ୍ରୀକୁ ମହଜୁଦ ରଖିବା, ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ତ୍ୱରିତ କ୍ରିୟାନୁଷ୍ଠାନ ଦଳ ମୁତୟନ କରିବା ପାଇଁ ସେ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଉ ଅଳ୍ପ ସମୟ ପରେ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ମୁକାବିଲା ଆରମ୍ଭ ହେବ । ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

# ୱିମେନ୍ ଟ୍ରି ନେସନ୍ କ୍ରିକେଟ

ମହିଳା ତ୍ରିରାଷ୍ଟ୍ରୀୟ ଆନ୍ତର୍ଜାତିକ ଦିନିକିଆ କ୍ରିକେଟ ସିରିଜ୍‌ର ଆଜିର ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଛି। କଲମ୍ବୋଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭାରତ' ଦକ୍ଷିଣ ଆଫ୍ରିକାକୁ ୧୫ ରନ୍‌ରେ ପରାସ୍ତ କରିଛି। ଏହି ସିରିଜ୍‌ରେ ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଭାରତର ଏହା କ୍ରମାଗତ ଦ୍ୱିତୀୟ ବିଜୟ। ଟସ୍ ଜିତି ପ୍ରଥମେ ବ୍ୟାଟିଂ ଆରମ୍ଭ କରି ଭାରତ ୬ ୱିକେଟ୍ ବିନିମୟରେ ୨୭୬ ରନ୍ ସଂଗ୍ରହ କରିଥିଲା।